# NATIONAL NEWS BULLETIN (ODIA)

## 22 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆଜିଠାରୁ ଆରମ୍ଭ ହେଉଥିବା ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଦିଗରେ ଭାରତୀୟ କଳା ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି କହିଛନ୍ତି, ରାଷ୍ଟ୍ରପତି ।
- ନୂଆ ଶ୍ରମ ସଂହିତା ଲାଗୁ ହେବା ପରେ ଦେଶର ଶ୍ରମିକମାନଙ୍କୁ ଶୁଭେଚ୍ଛା ଜଣାଇଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ମୁମ୍ବାଇରେ ଆଜି ଅନୁଷ୍ଠିତ ହେବ ଜାତୀୟ ସ୍ତରୀୟ ହଜ୍ ସମ୍ମିଳନୀ ।

ଏବଂ

- ଗୌହାଟୀର ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମ୍‌ରେ ଆଜି ଖେଳାଯିବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ।

# ପିଏମ୍-ଜି-୨୦ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଆରମ୍ଭ ହେଉଥିବା ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବେ । ଏହି ତିନିଦିନିଆ ସମ୍ମିଳନୀରେ ଶ୍ରୀ ମୋଦୀ ସମସ୍ତ ଅଧିବେଶନରେ ଅଂଶଗ୍ରହଣ କରିବେ ଏବଂ ସ୍ଥାୟୀ ବିକାଶ, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଶାସନରେ ସଂସ୍କାର ସମେତ ଭାରତର ପ୍ରମୁଖ ପ୍ରାଥମିକତାଗୁଡ଼ିକ ଉପରେ ଉପସ୍ଥାପନ କରିବେ । ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମୋଦୀ ୧୨ତମ ଜି-୨୦ ଶିଖର ସମ୍ମିଳନୀରେ ଯୋଗ ଦେଉଛନ୍ତି । ଚଳିତ ବର୍ଷ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକାରେ ଜି-୨୦ ଶିଖର ସମ୍ମିଳନୀ ଆୟୋଜିତ ହେଉଛି । ଏହି ଜି-୨୦ ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ସଂହତି, ସମାନତା ଓ ସ୍ଥିରତା' ।

ଦକ୍ଷିଣ ଆଫ୍ରିକା ଅଧ୍ୟକ୍ଷତାରେ ଆୟୋଜିତ ହେଉଥିବା ଏହି ଶିଖର ସମ୍ମିଳନୀରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା, ନିମ୍ନ ଆୟକାରୀ ଦେଶ ପାଇଁ ଋଣ ବ୍ୟବସ୍ଥା, ଶକ୍ତି କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନ ଲାଗି ଆର୍ଥିକ ସଂରଚନା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସମାବେଶୀ ବିକାଶ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଆରମ୍ଭ ହେଉଥିବା ଜି-୨୦ ସମ୍ମିଳନୀରେ ଅନେକ ଗୁଡ଼ିଏ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବେ । ଏହା ବ୍ୟତୀତ ବିଭିନ୍ନ ବିଶ୍ୱନେତାଙ୍କ ସହ ଶ୍ରୀ ମୋଦୀ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଆଜି ଉଦ୍‌ଘାଟନୀ

ଅଧିବେଶନରେ ସମାବେଶୀ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋଚନା ହେବ ।

ସୂଚନା ଯୋଗ୍ୟ ଜି-୨୦ ସ୍ଥାପନ ସମୟରେ ୧୯ଟି ଦେଶ ଏବଂ ୟୁରୋପୀୟ ସଂଘ ସାମିଲ ରହିଥିବା ବେଳେ ୨୦୨୩ରେ ଭାରତର ଅଧ୍ୟକ୍ଷତାରେ ଆଫ୍ରିକୀୟ ସଂଘକୁ ସ୍ଥାୟୀ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯାଇଥିଲା । ୨୦୨୨ ଡିସେମ୍ବରରୁ ୨୦୨୩ ନଭେମ୍ବର ମାସ ପର୍ଯ୍ୟନ୍ତ ଭାରତର ଅଧ୍ୟକ୍ଷତାରେ ୬୦ଟି ସହରରେ ୨୦୦ରୁ ଅଧିକ ବୈଠକ ଆୟୋଜନ ହୋଇଥିଲା ଏବଂ ସମସ୍ତ ୨୮ଟି ଯାକ ରାଜ୍ୟ ଓ ୮ଟି କେନ୍ଦ୍ର ଶାସିତ ଅଞ୍ଚଳ ଏଥିରେ ପ୍ରତିନିଧିତ୍ୱ କରିଥିଲେ । ଭାରତ ଅଧ୍ୟକ୍ଷତାରେ ଜି-୨୦ ସମ୍ମିଳନୀରେ ‘ବସୁଧୈବ କୁଟୁମ୍ବକମ୍’ର ବାର୍ତ୍ତା ପ୍ରଚାର କରାଯାଇଥିଲା ।

## ପ୍ରେଜ୍-ଭାରତୀୟ କଳାମହୋତ୍ସବ

ସିକନ୍ଦରାବାଦ୍‌ର ରାଷ୍ଟ୍ରପତି ନିଳୟମ୍ ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ଭାରତୀୟ କଳା ମହୋତ୍ସବର ଦ୍ୱିତୀୟ ସଂସ୍କରଣକୁ ଉଦ୍‌ଘାଟନ କରିଛନ୍ତି । ଏହି ୯ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ମିଳିତ ଭାବେ ରାଷ୍ଟ୍ରପତି ନିଳୟମ୍, ସଂସ୍କୃତି, ବୟନ ଶିଳ୍ପ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜନ କରାଯାଇଛି । ଏହି ମହୋତ୍ସବର ଲକ୍ଷ୍ୟ ହେଉଛି, ଗୁଜରାଟ, ମରାହାରାଷ୍ଟ୍ର, ରାଜସ୍ଥାନ, ଗୋଆ, ଦାଦ୍ରା ଓ ନଗର ହାବେଳି ଏବଂ ଡାମନ୍ ଓ ଡିଉର ସମୃଦ୍ଧ ଓ ବିବିଧ ସାଂସ୍କୃତିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ।

ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତୀୟ କଳା ମହୋତ୍ସବର ପ୍ରଥମ ସଂସ୍କରଣ ଲୋକମାନଙ୍କୁ ଉତ୍ତର ପୂର୍ବ ଭାରତର ସାଂସ୍କୃତିକ ଐତିହ୍ୟ ସହ ପରିଚିତ କରାଇଥିଲା । ଚଳିତ ବର୍ଷ ଏହି କଳା ମହୋତ୍ସବ ଦର୍ଶକମାନଙ୍କୁ ସାଂସ୍କୃତିକ ଐତିହ୍ୟକୁ ଗଭୀର ଭାବେ ଅନୁଶୀଳନ କରିବା ଲାଗି ସୁଯୋଗ ପ୍ରଦାନ କରିବ । ରାଷ୍ଟ୍ରପତି କହିଛନ୍ତି, ଏଭଳି ମଞ୍ଚ ଦେଶର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ ଯୋଗଦାନ ଲାଗି ଉତ୍ସାହିତ କରିଥାଏ ।

**V/O-President**

ଆୟୋଜିତ ସମାରୋହରେ ତେଲଙ୍ଗାନା, ଗୋଆ ଏବଂ ରାଜସ୍ଥାନର ରାଜ୍ୟପାଳଙ୍କ ସମେତ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ । ଏହି କଳା ମହୋତ୍ସବ ଆଜିଠାରୁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ଏବଂ ଏହା ସର୍ବସାଧାରଣଙ୍କ ପ୍ରବେଶକୁ ମୁକ୍ତ କରାଯାଇଛି ।

## ଶାହା-ଲେବର କୋଡସ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲିଠାରୁ ଆରମ୍ଭ ହୋଇଥିବା ନୂଆ ଶ୍ରମ ସଂହିତା ନେଇ ଦେଶର ଶ୍ରମିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂଆ ଶ୍ରମ ସଂହିତା ଶ୍ରମ ଆଇନ୍‌ର ଇତିହାସରେ ସବୁଠାରୁ ବଡ଼ ସଂସ୍କାର । ଶ୍ରୀ ଶାହା କହିଛନ୍ତି, ଏହି ସଂହିତା ଲାଗୁ ହେବା ଫଳରେ ଶ୍ରମିକମାନଙ୍କୁ ନ୍ୟୁନତମ ମଜୁରୀ ପ୍ରଦାନ ସୁନିଶ୍ଚିତ କରାଯାଇଥିବା ବେଳେ ସେମାନଙ୍କ ସାମାଜିକ ସୁରକ୍ଷା, କର୍ମ କ୍ଷେତ୍ରରେ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ ଏବଂ ଅଣ-ସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ଆଇନ୍‌ଗତ ମାନ୍ୟତା

ମିଳିପାରିବ । ସେ କହିଛନ୍ତି, ଏହି ନୂତନ ସଂହିତା ଦେଶର ଶ୍ରମିକମାନଙ୍କ ଜୀବନଧାରଣର ମାନ ଉନ୍ନତ କରିବା ସହ ବିଶ୍ୱ ପାଇଁ ଏକ ମଡେଲ୍ ସାବ୍ୟସ୍ତ ହେବ ।

ଗତକାଲି କେନ୍ଦ୍ର ସରକାର ପୁରାତନ ଶ୍ରମ ଆଇନ୍ ଗୁଡ଼ିକୁ ଅଧିକ ସରଳ ଓ ସୁସଂହତ କରି ୪ଟି ନୂଆ ଶ୍ରମ ସଂହିତା ଲାଗୁ କରିଛନ୍ତି । ଏହାଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ନିଯୁକ୍ତି ପାଇଁ ନିଯୁକ୍ତିପତ୍ର ପ୍ରଦାନ ବାଧ୍ୟତାମୂଳକ କରାଯାଇଥିବା ବେଳେ ସଠିକ୍ ସମୟରେ ନ୍ୟୁନତମ ମଜୁରୀ ପ୍ରଦାନ, ମହିଳାମାନଙ୍କ ପାଇଁ ସମାନ ସୁଯୋଗ ଓ ସମାନ ଦରମା ଏବଂ ଏକ ବର୍ଷର କାର୍ଯ୍ୟ ପରେ ଗ୍ରାଚୁଇଟି ସୁବିଧା ପ୍ରଦାନ କରାଯାଇଛି । ନୂଆ ଶ୍ରମ ସଂହିତା ଲାଗୁ ହେବା ପରେ ୪୦ କୋଟିରୁ ଅଧିକ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ମିଳିପାରିବ ବୋଲି କୁହାଯାଇଛି ।

## ପିଏମ୍-ସାଉଥ୍ ଆଫ୍ରିକା ମିଟିଂ

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି-୨୦ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଆଥୋନ୍ଥୀ ଆଲ୍‌ବାନିଜ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ନେତା ଦ୍ୱିପାକ୍ଷିକ ଚୁକ୍ତି ଏବଂ ସମାବେଶି ବିକାଶକୁ ଆହୁରି ଦୃଢ଼ କରିବା ଲାଗି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଉଭୟ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀତାକୁ ଇତିମଧ୍ୟରେ ୫ ବର୍ଷ ପୂରଣ ହୋଇଛି । ଉଭୟ ନେତା ପ୍ରତିରକ୍ଷା ଓ ସୁରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ, ବ୍ୟବସାୟ ଓ ପୁଞ୍ଜିନିବେଶ, ଶିକ୍ଷା ଏବଂ ଲୋକ ସମ୍ପର୍କକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ଏହିସବୁ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ପରବର୍ତ୍ତୀ

ସ୍ତରକୁ ନେବା ଲାଗି ସେମାନଙ୍କ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଆଲୋଚନା କାଳରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ଘଟୁଥିବା ବିକାଶ ନେଇ ଆଲୋଚନା ହୋଇଛି ।

ଅନ୍ୟ ପକ୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦକ୍ଷିଣ ଆଫ୍ରିକାର ଇଣ୍ଟରନେଟ୍ ଓ ଟେକ୍ନୋଲୋଜି କମ୍ପାନୀ ନାସ୍‌ପର୍‌ର ଅଧ୍ୟକ୍ଷ କୁଜ୍ ବେକର୍ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ଫାବ୍ରିସିଓ ଲୁଇସିଙ୍କ ସହ ଆଲୋଚନା କରିଛନ୍ତି । ଭାରତୀୟ ଡିଜିଟାଲ୍ ଇକୋସିଷ୍ଟମ୍‌କୁ ଆହୁରି ବିସ୍ତାର କରିବା ଲାଗି ଆଲୋଚନା ହୋଇଛି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତରେ ନାସ୍‌ପର୍‌ର ସଫଳତା ଦେଶରେ ବ୍ୟବସାୟ କରିବାର ସହଜତା ଓ ଦୃଢ଼ତା ପ୍ରତିପାଦିତ କରୁଛି । ପରେ ପ୍ରଧାନମନ୍ତ୍ରୀ ଭାରତୀୟ ବଂଶୋଦଭବ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ । ଗତକାଲି ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟମାନେ ପାରମ୍ପରିକ ରୀତିରେ ତାଙ୍କୁ ସ୍ୱାଗତ କରିଥିଲେ ।

**V/O**

ଏହି ଅବସରରେ ଶ୍ରୀ ମୋଦୀ ଦକ୍ଷିଣ ଆଫ୍ରିକାର ରହୁଥିବା ପ୍ରବାସୀ ଭାରତୀମାନଙ୍କ ଦେଶର ସାଂସ୍କୃତିକ ବିକାଶରେ ଯୋଗଦାନକୁ ପ୍ରଶଂସା କରିଥିଲେ । 'ଭାରତକୁ ଜାଣନ୍ତୁ' କୁଇଜ୍‌ର ବିଜେତାଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ସାକ୍ଷାତ କରିଥିଲେ ।

# ହଜ୍ ମିଟ୍

ମୁମ୍ବାଇଠାରେ ଆଜି କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରଣାଳୟ ପକ୍ଷରୁ ଏକ ଜାତୀୟ ସ୍ତରୀୟ ହଜ୍ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ହଜ୍ କମିଟି ଗୁଡ଼ିକର କର୍ମକର୍ତ୍ତାମାନେ ଯୋଗଦେଇ ୨୦୨୬ ହଜ୍ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବେ ।

ସୂଚନା ଯୋଗ୍ୟ, ପ୍ରତ୍ୟେକ ବର୍ଷ ଭାରତ ପକ୍ଷରୁ ପ୍ରାୟ ୧ଲକ୍ଷ ୭୫ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କୁ ହଜ୍ ଯାତ୍ରାରେ ପଠାଯାଇଥାଏ । ଯାତ୍ରୀମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ସଂଖ୍ୟାଲଘୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ଜିଏସ୍‌ଟି-ରିଫର୍ମସ୍ ଟୁରିଜିମ୍

ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଅନେକ ଗୁଡ଼ିଏ କ୍ଷେତ୍ରରେ ସାମଗ୍ରୀ ଓ ସେବାକର ହ୍ରାସ ପାଇବା ସହ ଦେଶର ନାଗରିକମାନେ ଲାଭାନ୍ୱିତ ହୋଇଛନ୍ତି । ପର୍ଯ୍ୟଟନ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଦେଶର ନାଗରିକ, ପର୍ଯ୍ୟଟନ ଅଂଶିଦାର ଓ ଅନ୍ୟମାନଙ୍କୁ ଲାଭ ପ୍ରଦାନ କରୁଛି ।

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବା ଫଳରେ ୭ ହଜାର ୫୦୦ ଟଙ୍କାରୁ କମ୍ ମୂଲ୍ୟର ହୋଟେଲ୍ ରୁମ୍ କ୍ଷେତ୍ରରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରାଯାଇଛି । ଫଳରେ ମଧ୍ୟମବର୍ଗର

ପର୍ଯ୍ୟଟକଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଛି । ଏହା ବ୍ୟତୀତ ୧୦ ଜଣରୁ ଅଧିକ ସାମର୍ଥ୍ୟ ଥିବା ବସ୍ ଗୁଡ଼ିକ ଉପରେ ମଧ୍ୟ ଜି.ଏସ୍.ଟି. ହାର ୧୮ ପ୍ରତିଶତକୁ ହ୍ରାସ କରାଯାଇଛି । ଯାହାଫଳରେ ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମାର୍ଗ ଗୁଡ଼ିକରେ ପର୍ଯ୍ୟଟନ ଯାତ୍ରା ସୁବିଧା ଜନକ ହୋଇପାରିଛି । ଦେଶରେ ପର୍ଯ୍ୟଟନ ଏବଂ ସାଂସ୍କୃତିକ କ୍ଷେତ୍ରକୁ ଅଧିକ ବିକଶିତ ଏବଂ ପାରଦର୍ଶୀ କରିବା ଲାଗି ଜି.ଏସ୍.ଟି. ସଂସ୍କାର ସହାୟକ ସାବ୍ୟସ୍ତ ହୋଇଥିବା ବେଳେ ପର୍ଯ୍ୟଟନକୁ ଆଉ ପାଦେ ଆଗେଇ ନେଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସମ୍ଭବ ହୋଇପାରିଛି ।

# ମେନ୍ସ କ୍ରିକେଟ୍

ପୁରୁଷ କ୍ରିକେଟ୍‌ରେ ଆଜି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୌହାଟୀଠାରେ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ । କୋଲକାତାର ଇଡେନ୍‌ଗାର୍ଡେନ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ ଶୁଭମନ ଗିଲ୍‌ଙ୍କ ବେକରେ ଆଘାତ ଲାଗିବା ଯୋଗୁଁ ସେ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି । ଓ୍ୱିକେଟ୍ କିପର ତଥା ବ୍ୟାଟସ୍‌ମ୍ୟାନ୍ ରିଷଭ୍ ପନ୍ଥ ଆଜିର ଟେଷ୍ଟରେ ଭାରତର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ । ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ରନ୍‌ରେ ଭାରତକୁ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

# ବ୍ୟାଡ୍‌ମିଣ୍ଟନ

ଭାରତର ଲକ୍ଷ୍ୟ ସେନ ଅଷ୍ଟ୍ରେଲିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଗତକାଲି ସିଡ୍‌ନୀରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍‌ରେ ସେ ଆୟୁଷ ସେଟ୍ଟୀଙ୍କୁ ୨୩-୨୧, ୨୧-୧୧ରେ ପରାସ୍ତ କରିଥିଲେ । ଆଜି ଫାଇନାଲ୍‌ରେ ସ୍ଥାନ ପାଇବା ପାଇଁ ସେ ତାଇୱାନ୍‌ର ଖେଳାଳି ଚୋ ତିଏନ୍-ଚେନ୍‌ଙ୍କ ସହ ମୁକାବିଲା କରିବେ ।

ପୁରୁଷ ଡବଲ୍ସ ଯୋଡ଼ିରେ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ କ୍ୱାର୍ଟର ଫାଇନାଲ୍‌ରେ ଇଣ୍ଡୋନେସିଆ ଯୋଡ଼ିଙ୍କଠାରୁ ୧୯-୨୧ ଓ ୧୫-୨୧ରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି ।